## ମହିଳାଙ୍କୁ ଯୌତୁକ ନିର୍ଯାତନା

ବୈଶିଙ୍ଗା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଶୋରିଷକୋଠା ଗ୍ରାମର ମୋନାଲିସା ଜେନାଙ୍କୁ ତାଙ୍କ ସ୍ୱାମୀ କୁଶ କୁମାର ଜେନା ଯୌତୁକ ଦାବିରେ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୩୩୧/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ବାଲେଶ୍ୱରର ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଅଭିଯୁକ୍ତ କୁଶ ଫେରାର ଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ୭ ବର୍ଷ ତଳେ ସେ ମୋନାଲିସାଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ୨ ବର୍ଷର ଝିଅ ରହିଛି।

## ସଂକ୍ଷେପରେ

### ନଦୀରେ ବୁଡ଼ି ଯୁବକ ମୃତ

ରାଇରଙ୍ଗପୁର,୯।୧୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ବାସିଙ୍ଗି ଗ୍ରାମର ଫାଗୁ ମାଝିଙ୍କ ପୁଅ ମିର୍ଜା(୩୦) ମଙ୍ଗଳବାର ଖଡ଼ଖାଇ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଅପରାହ୍ନ ୪ଟା ବେଳେ ସେ ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ଗ୍ରାମବାସୀ ଏବଂ ପରିବାର ଲୋକ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର ବହଳଦା ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ହାତୀ ଆକ୍ରମଣରେ ଜଣେ ମୃତ

କେନ୍ଦୁଝର, ୯।୧୧(ସ୍ୱ.ପ୍ର.): କେନ୍ଦୁଝର ବନଖଣ୍ଡ ଘଟଗାଁ ରେଞ୍ଜ ବାଲି ପୋଖରୀ ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଜଳଧର। ତାଙ୍କ ଘର୍ ହାତୀନୋଟା ଗ୍ରାମରେ ବୋଲି ଜଣା ପଡିଛି। ଖବର ପାଇ ବନ ବିଭାଗ କର୍ମଚାରୀ ଓ ପୋଲିସ ପହଞ୍ଚି ଘଟଣାର ଅନୁଧାନ ଆରମ୍ଭ କରିଛନ୍ତି।

### ଅଳଙ୍କାର ଚୋରି ଘଟଣା: ଆଉ ଜଣେ ଗିରଫ

ବଡବିଲ, ୯।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଥାନା ଡ୍ୟାମ ନିକଟସ୍ଥ ମିଲତ ନଗର ଅଞ୍ଚଳରୁ ଏକ ଘର ତାଲା ଭାଙ୍ଗିବା ସହ ଆଲମୀରା ତାଡି ସୁନା ଓ ରୂପା ଅଳଙ୍କାର ଚୋରି ଅଭିଯୋଗରେ ପୋଲିସ ଗତ ଗୁରୁବାର ୪ ଜଣଙ୍କୁ ଗିରଫ କରିଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଠାକୁରାଣୀ ନେପାଳୀ ହଟିଂ ଅଂଚଳର ବିଶାଲ ଓରଫ୍ କୁନା ଦାସ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ
### ବାଳସୁଧାର ଗୃହରେ ନାବାଳକ

ପାଟଣା,୯।୧୧(ସ୍ୱ ପ୍ର.): କେନ୍ଦୁଝର ଜିଲା ସାହାରପଡା ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ମଙ୍ଗଳବାର ପାଟଣା ପୋଲିସ ଜଣେ ନାବାଳକଙ୍କୁ କେନ୍ଦୁଝର ସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ଉପସ୍ଥାପିତ କରିଛି। ପରେ ନାବାଳକଙ୍କୁ ରାଉରକେଲା ସ୍ଥିତ ବାଳସୁଧାର ଗୃହରେ ଛଡ଼ାଯିବ। ଉଭୟଙ୍କର ଡାକ୍ତରୀ ପରୀକ୍ଷା ମଙ୍ଗଳବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯାଇଛି।

### ଡାକ କର୍ମଚାରୀଙ୍କ ଧାରଣା

କେନ୍ଦୁଝର, ୯।୧୧(ସ୍ୱ.ପ୍ର.): ସର୍ବଭାରତୀୟ ସ୍ତରୀୟ ଗ୍ରାମୀଣ ଡାକ ସେବକ ଓ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ୧୯ ଦଫା ଦାବିରେ ଏକ ଦିବସୀୟ ଧାରଣା ଜିଲା ପ୍ରଧାନ ଡାକଘର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଡାକ ବିଭାଗର ଘରୋଇ କାରଣ ଓ କମଳେଶ ଚନ୍ଦ୍ର କମିଟି ଅନୁମୋଦିତ ସକାରାତ୍ମକ ପରାମର୍ଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବି ରେ ଏହି ଆନ୍ଦୋଳନ ହୋଇଥିଲା ବୋଲି ଗ୍ରାମୀଣ ଡାକ ସେବକ ସଂଘର ଜିଲା ସମ୍ପାଦକ ସଞ୍ଜୟ ପଣ୍ଡା ସୂଚନା ଦେଇଛନ୍ତି।

### ପାଣି ପାଇଁ ଉପ ଜିଲାପାଳଙ୍କୁ ଦାବିପତ୍ର

ଉଦଳା,୯।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ଏନ୍ଏସି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଏନେଇ ଭଞ୍ଜସେନା ପକ୍ଷରୁ ଏକ ଟିମ୍ ମଙ୍ଗଳବାର ସ୍ଥାନୀୟ ଉପ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଏନ୍ଏସି ଅଧୀନରେ ଥିବା ୧୨ଟି ୱାର୍ଡରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ କରାଯାଉଛି। ହେଲେ କିଛି ସପ୍ତାହ ହେବ ଉକ୍ତ ବିଭାଗ ପାଣି ଯୋଗାଇବାରେ ଅବହେଳା କରୁଛି। ଏବେ କିନ୍ତୁ ପ୍ରତି ୱାର୍ଡରେ ଠିକ୍ ସମୟରେ ପାନୀୟ ଜଳ ଆସୁନାହିଁ। ତୁରନ୍ତ ଦାବି ପୂରଣ ସହିତ ପାନୀୟ ଜଳ ଯୋଗାଇ ଦିଆ ନ ଗଲେ ଆଗାମୀ ଦିନରେ ଭଞ୍ଜସେନା ରାଜରାସ୍ତାକୁ ଓହ୍ଲାଇବ ବୋଲି ସେନାର କପ୍ତିପଦା ଉପଖଣ୍ଡ ସଭାପତି ରବୀନ ମହାନ୍ତି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଭଞ୍ଜସେନାର ସଦସ୍ୟ ଲାଲ ମୋହନ ସୋରେନ,ସତ୍ୟ ନାରାୟଣ ପଟ୍ଟନାୟକ, ଜିଲା ସଂଯୋଜକ ଜିତେନ୍ଦ୍ର ହେମ୍ବ୍ରମ ଓ ଗଗନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଆବାସ ନିର୍ମାଣର ବର୍ଷେ ପରେ ବି ମିଳୁନି ବିଲ୍

## ହିତାଧିକାରୀ ତାଲିକାରୁ ନାମ କଟିଥିବା କହୁଛନ୍ତି ଅଧିକାରୀ

ବନ୍ତ,୯।୧୧(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତର ମହୁଲଗଡ଼ିଆ ଗ୍ରାମରେ ୨ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଟପ୍ ଲେବଲ ପର୍ଯ୍ୟନ୍ତ ଘର ନିର୍ମାଣ କରିବାର ବର୍ଷେ ପରେ ବି ସେମାନଙ୍କୁ ବିଲ୍ ମିଳି ନ ଥିବା ବିଡିଓଙ୍କଠାରେ ଅଭିଯୋଗ ହୋଇଛି।

ଗ୍ରାମର ଯଦୁନାଥ ରାଉତ ଓ ପୀତାମ୍ବର ରାଉତ ଗତ ଡିସେମ୍ବର ୨୦୨୦ରେ କାର୍ଯ୍ୟାଦେଶ ପାଇବା ପରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ନିୟମ ଅନୁଯାୟୀ କାର୍ଯ୍ୟାଦେଶ ସହିତ ପ୍ରଥମ କିସ୍ତିରେ ୨୦ ହଜାର, ପ୍ଲିନ୍ଥ କାର୍ଯ୍ୟ ଶେଷ ହେବା ପରେ ଦ୍ୱିତୀୟ କିସ୍ତିରେ ୩୦ ହଜାର, ଛାତ ସ୍ତର ପହଞ୍ଚିବା ପରେ ତୃତୀୟ କିସ୍ତିରେ ୪୦ ହଜାର ଓ କଙ୍କ୍ରିଟ ଢଳେଇ ଛାତ ସରିବା ସହିତ ଶୌଚାଳୟ ନିର୍ମାଣ, ପ୍ଲାଷ୍ଟର, ରଙ୍ଗ, କବାଟ ଝରକା ଲଗାଇ ଘରେ ବାସ କରିବା କ୍ଷେତ୍ରରେ ଚତୁର୍ଥ କିସ୍ତିରେ ୩୦ ହଜାର ଅର୍ଥାତ ମୋଟ ୪ କିସ୍ତିରେ ୧ ଲକ୍ଷ ୨୦ ହଜାର ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯିବା କଥା। ମାତ୍ର ଏଠାରେ ଘର କାମ ଛାତ ସ୍ତର ପର୍ଯ୍ୟନ୍ତ ପହଞ୍ଚିବା ପରେ ମଧ୍ୟ ଗୋଟିଏ ବି କିସ୍ତି ମିଳି ନ ଥିବା ଅଭିଯୋଗ ହୋଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହିତାଧିକାରୀ ତାଲିକାରୁ ପରେ ନାମ କଟିଯାଇଛି ଏବେ ଟଙ୍କା ମିଳିବ ନାହିଁ କହୁଥିବା ପୀତାମ୍ବର ଓ ଯଦୁନାଥ ଅଭିଯୋଗ କରିଛନ୍ତି। ଗରିବ ହିତାଧିକାରୀ ଦ୍ୱୟ ଧାର କରଜ କରି ଘର ନିର୍ମାଣ କରିଥିବା ବେଳେ ବିଲ୍ ନ ହେବାରୁ ମାନସିକ ଚାପରେ ରହିଥିବା କହିଛନ୍ତି। ଏନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଲେଖ ମଲ୍ଲିକ କହିଛନ୍ତି କାର୍ଯ୍ୟାଦେଶ ମିଳିବା ପରେ ଅଟୋ ଡିଲିସନରେ ହିତାଧିକାରୀ ତାଲିକାରୁ ଉଭୟଙ୍କ ନାମ କଟି ଯାଇଛି। ପରବର୍ତ୍ତୀ ତାଲିକାରେ ନାମ ଅନ୍ତର୍ଭୁକ୍ତ ପାଇଁ ଡକ୍ୟୁମେଣ୍ଟ ଦିଆଯାଇଛି। ଏ ସଂକ୍ରାନ୍ତରେ ବିଡିଓ ଶୁଭ ଦର୍ଶନ ମିଶ୍ରଙ୍କୁ ପଚାରିବାରୁ ମୁଁ ନୂତନ ଭାବେ ବ୍ଲକରେ ଯୋଗ ଦେଇଛି। ବିଲ୍ ନ ହେବାର କାରଣ ତଦନ୍ତ କରିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ଛାତସ୍ତର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଆବାସ।

## ମା' ଭଦ୍ରକାଳୀଙ୍କ ମହାସରସ୍ୱତୀ ବେଶ



ଭଦ୍ରକ ଅଫିସ, ୯।୧୧

ପୁରାଣ ପ୍ରସିଦ୍ଧ ଶକ୍ତିପୀଠ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ଷଷ୍ଠ ଦିବସ ମଙ୍ଗଳବାର ମହାସରସ୍ୱତୀ ବେଶରେ ପୂଜା ପାଇଛନ୍ତି। ମା' ଶ୍ୱେତ ବସ୍ତ୍ର ପରିଧାନ କରିଥିବା ବେଳେ ମୁଖମଣ୍ଡଳ ମଧ୍ୟ ଶ୍ୱେତ ବର୍ଣ୍ଣ ଥିଲା। ପଦ୍ମାସନରେ ମା' ବିରାଜମାନ କରିଥିବା ବେଳେ ହଂସ ମା'ଙ୍କର ବାହନ ଥିଲା। ହସ୍ତଯୁଗଳରେ ବୀଣା ଧାରଣ କରିଥିଲେ ମା' ଏବଂ ତୃତୀୟ ହସ୍ତରେ ଜପାମାଳି ଓ ଚତୁର୍ଥ ହସ୍ତରେ ପୁସ୍ତକ ଧାରଣ କରିଥିଲେ। ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇ ଚତୁର୍ଦ୍ଧାମୂର୍ତ୍ତିରେ ସଜ୍ଜିତ ହୋଇଥିଲେ ମା'। ଦେବୀଙ୍କ ମହାସରସ୍ୱତୀ ବେଶ ଦର୍ଶନ କଲେ ବିଦ୍ୟା, ବୁଦ୍ଧି ଓ ଜ୍ଞାନ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ବୁଧବାର ଅନ୍ତିମ ଦିନରେ ମା' ମହାଲକ୍ଷ୍ମୀ ବେଶରେ ପୂଜା ପାଇବେ ବୋଲି ସୂଚନା ମିଳିଛି।

# ବାରିପଦା ପୌର ପରିଷଦ: ୧୪ ଆସନ ମହିଳାଙ୍କ ଲାଗି ସଂରକ୍ଷିତ

## ପ୍ରକାଶ ପାଇଲା ସଂରକ୍ଷଣ ତାଲିକା

ବାରିପଦା ଅଫିସ, ୯।୧୧

ମୟୂରଭଞ୍ଜ ଜିଲାରେ ଥିବା ପୌର ଓ ବିଜ୍ଞାପିତ ପରିଷଦର ୱାର୍ଡଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ଏବଂ ସଂରକ୍ଷଣ ସମ୍ପର୍କିତ ଚିଠା ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଜିଲାରେ ଥିବା ବାରିପଦା ଓ ରାଇରଙ୍ଗପୁର ପୌର ପରିଷଦ ଏବଂ କରଞ୍ଜିଆ ଓ ଉଦଳା ବିଜ୍ଞାପିତ ପରିଷଦ ପାଇଁ ଏହି ତାଲିକା ପ୍ରକାଶ ପାଇଛି। ବାରିପଦା ପୌର ପରିଷଦରେ ଥିବା ୨୮ଟି ୱାର୍ଡ କାଉନସିଲରଙ୍କ ନିମନ୍ତେ ବିଭିନ୍ନ ପରିବର୍ତ୍ତନ କରାଯାଇଛି। ସେଥି ମଧ୍ୟରୁ ୧୪ଟି ଆସନ ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି।

୨୮ଟି ୱାର୍ଡ କାଉନସିଲର ଆସନ ମଧ୍ୟରେ ଅନୁସୂଚିତ ଜାତିଙ୍କ ପାଇଁ ୩ଟି, ଅନୁସୂଚିତ ଜନଜାତିଙ୍କ ପାଇଁ ୪ଟି, ମହିଳାଙ୍କ ପାଇଁ ୧୦ଟି ଲେଖାଏ ଆସନ ସଂରକ୍ଷିତ ଥିବା ବେଳେ ୧୧ଟି ଆସନ ଅଣ ସଂରକ୍ଷିତ ରହିଛ। ସେଥି ମଧ୍ୟରୁ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ୧ ଓ ୫ନଂ. ଆସନ ସଂରକ୍ଷିତ ଥିବା ବେଳେ ୨୭ନଂ. ଆସନଟି ଅନୁସୂଚୀତ ଜାତିଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ସେହିପରି ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ୨୬ ଓ ୨୮ନଂ. ଆସନ ସଂରକ୍ଷତି ରହିଥିବା ବେଳେ ୧୩ ଓ ୧୯ନଂ. ଆସନଟି ଅନୁସୂଚୀତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ମହିଳାଙ୍କ ପାଇଁ ୨, ୪, ୭, ୮, ୯, ୧୦, ୧୧, ୧୪, ୧୫ ଓ ୧୬ନଂ. ଆସନ ସଂରକ୍ଷିତ ରହିଥିବା ବେଳେ ୩, ୬,୧୨,୧୭,୧୮,୨୦,୨୧, ୨୨, ୨୩, ୨୪ ଓ ୨୫ନଂ. ଆସନଗୁଡିକ ଅଣସଂରକ୍ଷିତ ରହିଛି। ପ୍ରକାଶିତ ତାଲିକାକୁ ନେଇ ନଭେମ୍ବର ୧୮ତାରିଖ ସୁଦ୍ଧା ଆପତ୍ତି ଓ ଅଭିଯୋଗ ଗ୍ରହଣ କରାଯିବ । ଏହାର ୨୯ତାରିଖରେ ପୁନଃ ସୀମା ନିର୍ଦ୍ଧାରଣ ସହ ୱାର୍ଡ ଗୁଡ଼ିକର ସଂରକ୍ଷଣ ତାଲିକା ପ୍ରକାଶ ପାଇବ ।

# ପାଚିଲା ଧାନ ନଷ୍ଟ କଲେ ହାତୀପଲ


ହାତୀପଲ ଦ୍ୱାରା ନଷ୍ଟ ହୋଇଥିବା ଧାନ ଫସଲ।

ବାଙ୍ଗିରିପୋଷି,୯।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅଞ୍ଚଳରେ ହାତୀ ଉପଦ୍ରବ ଥମୁନି। ଏହି ଅଞ୍ଚଳ ଶିମିଳିପାଳ ପାହାଡ଼ ପରିବେଷ୍ଟିତ ହୋଇଥିବାରୁ ହାତୀପଲ ଗ୍ରାମାଭିମୁଖୀ ହେବା ସହିତ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ବାଙ୍ଗିରିପୋଷି ପଞ୍ଚାୟତର କାଳିଆମି, ଧୋବଣିଶୋଳ, ନାଗ୍ରି, ବଣକାଟୀ ଓ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସହ ନିଶ୍ଚନ୍ତା ପଞ୍ଚାୟତର ଚୁଆପାଣି, ସାରିପଦା ଗ୍ରାମରେ ଗତ କିଛି ଦିନ ହେଲା ୧୨ରୁ ଊର୍ଦ୍ଧ୍ୱ ହାତୀ ପଶି ଧାନ ଗଛ ଖାଇବା ସହ ନଷ୍ଟ କରୁଛନ୍ତି। ବନ ବିଭାଗ ଚାଷୀଙ୍କୁ ସହାୟତା ଯୋଗାଇ ଦେବା ପରିବର୍ତ୍ତେ ଜାଣି ନ ଜାଣିଲା ପରି ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସକାଳେ ଗ୍ରାମବାସୀ ବନ ବିଭାଗର ଗାଡ଼ିକୁ ଅଟକାଇ ହୋହଲ୍ଲା କରିଥିବା ଦେଖିବାକୁ ମିଳିଥିଲା। ତେବେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଜମି ଅଧିଗ୍ରହଣ ବିରୋଧରେ ଫେରାଦ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ।

କେନ୍ଦୁଝର, ୯।୧୧ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ କାଉଁରୀକଳା ପଞ୍ଚାୟତ ଅଧୀନ ହଳଦିଆଗୁଣା ଗ୍ରାମବାସୀ ସ୍ଥାନୀୟ ଏମଏସ୍‌ପି କାରଖାନାର ସମ୍ପ୍ରସାରଣ ପାଇଁ ଆବଶ୍ୟକ କରୁଥିବା ଜମିକୁ ପ୍ରତିବାଦ ଜଣାଇ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଜମି ଅଧିଗ୍ରହଣ ହେଲେ ଲୋକ ମାନେ ଜମିହରା ହୋଇଯିବେ। ପୂର୍ବରୁ ସେମାନେ କମ୍ପାନୀ ପାଇଁ ଦୁଇ ଥର ଜମି ଦେଇଥିବାବେଳେ ଏବେ ପୁଣି ଜମି ଦେଲେ ଭୂମିହୀନ ହୋଇଯିବେ ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏଣୁ ଏନେଇ ନ୍ୟାୟ ଦେବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଲୀଳାବତୀ ମହାନ୍ତ, ମୀନା ମହାନ୍ତ, ପୂଜାରାଣୀ ମହାନ୍ତ, କନକ ମଞ୍ଜରୀ ମହାନ୍ତ, ଲୀଜାମଣୀ ମହାନ୍ତ ସୁଷମା ମହାନ୍ତଙ୍କ ସମେତ ବହୁ ମହିଳା ଜିଲାପାଳଙ୍କ ନିକଟକୁ ଆସି ଦାବିପତ୍ର ଦେଇଛନ୍ତି।

# ଜିଲା ପରିଷଦ ଅଧ୍ୟକ୍ଷ ପଦ ଏସ୍‌ଟି ମହିଳାଙ୍କ ପାଇଁ ସଂରକ୍ଷିତ

କେନ୍ଦୁଝର, ୯।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ୩୭ ସିଟ ବିଶିଷ୍ଟ ଜିଲା ପରିଷଦ ଅଧ୍ୟକ୍ଷ ପଦ ଏସ୍‌ଟି ମହିଳା ପାଇଁ ସଂରକ୍ଷିତ ହେବା ପରେ ବିଭିନ୍ନ ଜୋନର ସଂରକ୍ଷଣ ଚୂଡାନ୍ତ ତାଲିକା ଘୋଷଣା ହୋଇଛି। ସେଥିରୁ ଏସ୍‌ସିଙ୍କ ପାଇଁ ୩ଟି, ଏସଟି ପାଇଁ ୧୫ଟି ସଂରକ୍ଷଣ ରହିଥିବା ବେଳେ ୧୯ ଟି ଅଣ ସଂରକ୍ଷିତ ରହିଛି। ସେଥିରୁ ୧୯ ଟି ସିଟ ମହିଳା ମାନଙ୍କ ପାଇଁ ସଂରକ୍ଷିତ ରହିଛି । ଏସସି ମହିଳାଙ୍କ ପାଇଁ ୨ଟି, ଏସ୍‌ଟି ମହିଳାଙ୍କ ପାଇଁ ୮ଟି, ଅଣସଂରକ୍ଷିତ ମହିଳାଙ୍କ ପାଇଁ ୯ଟି ସିଟ ରହିଛି । ପ୍ରଥମ ତାଲିକାରେ ଅଧ୍ୟକ୍ଷ ପଦ ଓବିସିଙ୍କ ପାଇଁ ସଂରକ୍ଷଣ ରଖାଯାଇଥିବା ବେଳେ ଚୂଡାନ୍ତ ତାଲିକାରେ ଗୋଟିଏ ହେଲେ ଜୋନ ଓବିସିଙ୍କ ପାଇଁ ସଂରକ୍ଷଣ ରଖାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଆନନ୍ଦପୁର ବ୍ଲକର ଜୋନ ନମ୍ବର ୧ ଏସ୍‌ଟି, ଜୋନ ନମ୍ବର ୨ ଅଣସଂରକ୍ଷିତ, ଜୋନ ନମ୍ବର ୩ ଏସସି (ମହିଳା), କେନ୍ଦୁଝର ବ୍ଲକର ଜୋନ ନମ୍ବର ୪ ମହିଳା, ଜୋନ ନମ୍ବର ୫ ଏସଟି, ଜୋନ ନମ୍ବର ୬ ଅଣସଂରକ୍ଷିତ, ଘଟଗାଁ ବ୍ଲକର ଜୋନ ନମ୍ବର ୭ ଏସଟି (ମହିଳା), ଜୋନ ନମ୍ବର ୮ ଏସଟି, ଜୋନ ନମ୍ବର ୯ ଅଣସଂରକ୍ଷିତ ରହିଛି । ସେହିପରି ଘଷିପୁରା ବ୍ଲକର ଜୋନ ନମ୍ବର ୧୦ ମହିଳାଙ୍କ ପାଇଁ, ଜୋନ ନମ୍ବର ୧୧ ମହିଳାଙ୍କ ପାଇଁ ଜୋନ ନମ୍ବର ୧୨ ଅଣସଂରକ୍ଷିତ ରହିଛି । ଚମ୍ପୁଆ ବ୍ଲକ ୧୩ ନମ୍ବର ଜୋନ ଏସଟି, ୧୪ ନମ୍ବର ଜୋନ ଅଣସଂରକ୍ଷିତ, ୧୫ ନମ୍ବର ଜୋନ ଏସଟି( ମହିଳା), ଝୁମ୍ପୁରା ବ୍ଲକ ୧୬ ନମ୍ବର ଜୋନ ମହିଳା, ୧୭ ନମ୍ବର ଜୋନ ଏସଟି (ମହିଳା), ୧୮ ନମ୍ବର ଜୋନ ଏସଟି, ତେଲକୋଇ ବ୍ଲକର ୧୯ ନମ୍ବର ଜୋନ ଏସଟି (ମହିଳା) , ୨୦ ନମ୍ବର ଜୋନ ଅଣସଂରକ୍ଷିତ, ପାଟଣା ବ୍ଲକର ୨୧ ନମ୍ବର ଜୋନ ଏସଟି, ୨୨ ନମ୍ବର ଜୋନ ଏସଟି (ମହିଳା), ୨୩ ନମ୍ବର ଜୋନ ମହିଳା, ବାଂଶପାଳ ବ୍ଲକର ୨୪ ନମ୍ବର ଜୋନ ମହିଳା, ୨୫ ନମ୍ବର ଜୋନ ଏସଟି, ଯୋଡା ବ୍ଲକ ୨୬ ନମ୍ବର ଜୋନ ଅଣସଂରକ୍ଷିତ, ୨୭ ନମ୍ବର ଜୋନ ମହିଳା, ୨୮ ନମ୍ବର ଜୋନ ଏସ୍‌ଟିଙ୍କ ପାଇଁ ସଂରକ୍ଷିତ ରହିଛି। ତେବେ ୮ ଟି ଜୋନ ଏସଟି (ମହିଳା)ଙ୍କ ପାଇଁ ସଂରକ୍ଷିତ ଥିବାରୁ ଏହି ଜୋନର ବିଜୟୀ ପ୍ରାର୍ଥୀ ଜିଲାପରିଷଦ ଅଧ୍ୟକ୍ଷା ପାଇଁ ପ୍ରତିଯୋଗିତାରେ ରହିବେ ।

# ତହସିଲଦାରଙ୍କୁ ବ୍ଲକ କଂଗ୍ରେସ କମିଟିର ଦାବିପତ୍ର

ବାସୁଦେବପୁର, ୯।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରର ବିଭିନ୍ନ ସମସ୍ୟା ଓ ଦାବି ପୂରଣ ନେଇ ବ୍ଲକ କଂଗ୍ରେସ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜାମୁଝାଡ଼ି- ଧାମରା ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ସହିତ ନିମ୍ନମାନର ରାସ୍ତା କାର୍ଯ୍ୟ ତଥା ରାସ୍ତାର ଦୁରବସ୍ଥା, ରାସ୍ତା ନିର୍ମାଣ ବେଳେ ଉଚ୍ଛେଦ ହୋଇଥିବା ଉଠା ଦୋକାନୀଙ୍କୁ ପୁନଃ ଥଇଥାନ କରିବା, ଧାମରା ବନ୍ଦରରେ ବାସୁଦେବପୁର ଅଞ୍ଚଳର ବେକାର ଉଚ୍ଚ ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ଏହି ଦାବିପତ୍ର ଦିଆଯାଇଛି। ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ତହସିଲଦାର ଅନୀତା ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ପୂର୍ବତନ କାଉନସିଲର ତୋହିଦ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

## ମେଡିକାଲ ପାହାଚ ତଳୁ ନବଜାତକ ଉଦ୍ଧାର

ଆନନ୍ଦପୁର,୯। ୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ସୋମବାର ରାତିରେ ଡାକ୍ତରଖାନା ପାହାଚ ତଳୁ ଏକ ନବଜାତକ ଶିଶୁ ଉଦ୍ଧାର ହୋଇଛି। ଉଦ୍ଧାର ହୋଇଥିବା ଶିଶୁଟି ପୁତ୍ର ସନ୍ତାନ ବୋଲି ଜଣାପଡ଼ିଛି। ତେବେ ଶିଶୁ ପୁତ୍ର କାହାର କେଉଁ ପରିସ୍ଥିତିରେ ଡାକ୍ତରଖାନା ପାହାଚ ତଳେ ଅସୁରକ୍ଷିତ ଅବସ୍ଥାରେ ଛାଡି ଦିଆଗଲା ତଦନ୍ତ ହେଲେ ଘଟଣା ସାମ୍ନାକୁ ଆସିବ ବୋଲି ମତ ପ୍ରକାଶ ପାଇଛି। ଡାକ୍ତରଖାନାରେ ସିକ୍ୟୁରିଟି ବ୍ୟବସ୍ଥା ରହିବା ସତ୍ତ୍ୱେ ଏଭଳି ଏକ ଘଟଣା କେମିତି କେଉଁ ପରିସ୍ଥିତିରେ ଲୋକ ଲୋଚନକୁ ଆସିପାରିଲାନି ତାହା ଚିନ୍ତାଜନକ ବିଷୟ ସାଜିଛି। ଉଦ୍ଧାର ଶିଶୁ ପୁତ୍ର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଏବେ ସୁସ୍ଥ ଥିବା ଜଣାପଡିଛି। ଶିଶୁ ପୁତ୍ର ସ୍ଥାନୀୟ ଚାଇଲ୍ଡ ଲାଇନ୍ ତଦାରଖରେ ରହିଥିବାବେଳେ ଡାକ୍ତରଖାନା ପକ୍ଷରୁ ଡିସଚାର୍ଜ କରାଯିବା ପରେ ଶିଶୁକୁ ସିଡବ୍ଲ୍ୟୁସି ନିକଟରେ ହାଜର କରାଯିବ ବୋଲି ଚାଇଲ୍ଡଲାଇନ୍ ସଦସ୍ୟ ଭାଗିରଥି ଦାଶ ସୂଚନା ଦେଇଛନ୍ତି।

## କଳାକାର ସହାୟତା ଯୋଜନାର ସ୍ୱଚ୍ଛତା ପାଇଁ ସ୍ମାରକପତ୍ର

ଭଦ୍ରକ ଅଫିସ, ୯।୧୧

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରକାଶିତ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଭଦ୍ରକ ଜିଲା କଳାକାରଙ୍କୁ ଚୟନ କରିବା କ୍ଷେତ୍ରରେ ସ୍ୱଚ୍ଛତା ଓ ନିରପେକ୍ଷ ପାଇଁ ଜିଲାର ଅଭିଜ୍ଞ କଳାକାର, ସଂଗଠକ ମାନଙ୍କ ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳ ତ୍ରିଲୋଚନ ମାଝୀଙ୍କୁ ପ୍ରଦାନ କରାଯାଇଛି। ଜିଲାର ବହୁ କଳାକାର ଏହି ଭତ୍ତା ପାଇବା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏଣୁ ଠିକ ଚୟନ କରି ଭତ୍ତା ପ୍ରଦାନ ପାଇଁ ଦାବି କରାଯାଇଛି।

# ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କୁ ଅଭିନନ୍ଦନ

ବାରିପଦା ଅଫିସ, ୯।୧୧

ସୋମବାର ରାଷ୍ଟ୍ରପତି ଭବନଠାରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଦମୟନ୍ତୀ ବେଶ୍ରା ୨୦୨୦ର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଶିକ୍ଷା ଏବଂ ସାହିତ୍ୟ ନିମନ୍ତେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ସେ ସାନ୍ତାଳୀ ଭାଷାରେ ୨୨ଟି ପୁସ୍ତକ ଏବଂ ଓଡ଼ିଆରେ ୮ଟି ପୁସ୍ତକ ରଚନା କରିଛନ୍ତି। ସେ ସାନ୍ତାଳୀ ଭାଷା ଗବେଷିକା ସହିତ ଅନୁବାଦିକା ଓ ସମାଲୋଚିକା ଭାବେ ବେଶ ପରିଚିତ। ୨୦୦୯ରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ଏହି ସର୍ବୋଚ୍ଚ ସମ୍ମାନ ପାଇଁ ପ୍ରଫେସର ବେଶ୍ରାଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା ପ୍ରମୁଖଙ୍କ ସମେତ ଜିଲାର ବିଭିନ୍ନ ବ୍ୟକ୍ତି ବିଶେଷ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ଜାତୀୟ ପ୍ରେସ ଦିବସ ପାଳନ ପାଇଁ ପ୍ରସ୍ତୁତି

ଚମ୍ପୁଆ, ୯।୧୧ (ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଜାତୀୟ ପ୍ରେସ ଦିବସ ପାଳନ ଉପଲକ୍ଷେ ବରିଷ୍ଠ ସାମ୍ବାଦିକ ବସନ୍ତ କୁମାର ଗିରିଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚମ୍ପୁଆର ସମସ୍ତ ସାମ୍ବାଦିକ ଯୋଗଦେଇଥିବା ବେଳେ ଜାତୀୟ ପ୍ରେସ ଦିବସ କେଉଁଠି, କିପରି ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏହି ଦିବସକୁ ସୁଚାରୁରୂପେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡାଯିବା ସହ ଚମ୍ପୁଆ ନଗର ଭବନ ଠାରେ ୧୨ଟାରେ ଏହା ପାଳନ କରାଯିବ ବୋଲି ସ୍ଥିରୀକୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି ପ୍ରଦୀପ ପ୍ରଧାନ, ରଞ୍ଜନ ପ୍ରଧାନ, ସୌରଭ ସାହୁ, ପବିତ୍ର ନାୟକ, ଦିପକ ନାୟକ, ବବି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସାଳନ୍ଦୀ ଅବବାହିକାରେ ଭୂସ୍ଖଳନ ରୋକିବାକୁ ଦାବି


ସାଳନ୍ଦୀର ସୁରକ୍ଷା ପାଇଁ ଗ୍ରାମବାସୀ ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ଆନନ୍ଦପୁର,୯।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡିହୀ ବ୍ଲକ କାନପୁର ଗ୍ରାମବାସୀ ସାଳନ୍ଦୀ ଅବବାହିକାରେ ଭୂସ୍ଖଳନ ରୋକିବା ପାଇଁ ମଙ୍ଗଳବାର ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି। ଖରସ୍ରୋତା ସାଳନ୍ଦୀ ନଦୀର ଭୂସ୍ଖଳନ କାନପୁରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସାଳନ୍ଦୀ ନଦୀ ଅବବାହିକା ଦକ୍ଷୀଣପାର୍ଶ୍ୱ ଓ ଉତ୍ତରପାର୍ଶ୍ୱରେ ଥିବା ଘର ଗୁଡିକ ଭୂସ୍ଖଳନ ପ୍ରଭାବରେ ଭାଙ୍ଗି ନଦୀରେ ମିଶିଗଲାଣି। ଏଭଳି ପରିସ୍ଥିତିରେ ନଦୀର ଅବବାହିକା ଅଞ୍ଚଳରେ ଗଢି ଉଠିଥିବା ପକ୍କା ଓ କଚ୍ଚାଘର ଦିନକୁ ଦିନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଧାରା ଲାଗି ରହିଲେ ଆଗାମୀ ଦିନରେ କାନପୁର ଗ୍ରାମ ସାଳନ୍ଦୀରେ ମିଶିଯିବ ବୋଲି ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ୨୦୧୭-୧୮ ରେ ଅନୁଭୂତ ହୋଇଥିବା ଭୂମିକମ୍ପ ପ୍ରଭାବରେ ନଦୀ ଅବବାହିକା ଅଞ୍ଚଳରେ ୨୦୦ ମି. ରୁ ଉର୍ଦ୍ଧ୍ୱ ଫାଟ ସୃଷ୍ଟି ହୋଇ ୨ ମି.ରୁ ଉର୍ଦ୍ଧ ଗର୍ତ ସୃଷ୍ଟି ହୋଇଥିଲା। ଏଭଳି ବିପଦଜନକ ପରିସ୍ଥିତରୁ ସୁରକ୍ଷା ପାଇଁ ସରକାରୀ ସ୍ତରରେ ୧୦୦ ମି. ଲମ୍ବ ଗାର୍ଡୱାଲର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ହେଲେ ଗ୍ରାମବାସୀ ସୁରକ୍ଷିତ ନ ଥିବାରୁ ଘଟଣା ଦିଗରେ ଧ୍ୟାନ ଦିଆଯାଇ ଏକ ଟେକ୍ନିକାଲ ଟିମ୍ ଦ୍ୱାରା ଯାଞ୍ଚ ପୂର୍ବକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ କାନପୁର ଗ୍ରାମବାସୀ ଆନନ୍ଦପୁର ଉପଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି।

## ପାର୍ବତୀଙ୍କ ସ୍ମୃତିଚାରଣ ସଭା

ଭଦ୍ରକ ଅଫିସ, ୯।୧୧

ଭଦ୍ରକ ଜିଲା ମୋଟେଲ ଛକ ନିକଟସ୍ଥ ପାନ୍ଥ ନିବାସ ଠାରେ ସ୍ୱର୍ଗତ କବି ପାର୍ବତୀ ବିଶ୍ୱାଳଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ସମ୍ପନ୍ନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ପାର୍ବତୀ ବିଶ୍ୱାଳ ଥିଲେ ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ। ମୁଖ୍ୟବକ୍ତା ଭାବେ କବି ହରପ୍ରସାଦ ଦାସ, ଅନ୍ୟତମ ବକ୍ତା ଭାବେ ପ୍ରଯୋଜିକା ଇତି ସାମନ୍ତ, ବରେଣ୍ୟ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ଅନ୍ୟତମ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଅତିଥି ଭାବେ ବୀରେନ୍ଦ୍ର କୁମାର ପଣ୍ଡା, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ନାଟ୍ୟଶ୍ରୀ ନିର୍ମଳ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ।

**କାର୍ଯ୍ୟରେ ଯୋଗ ଦେଲେ ତହସିଲଦାର**

ପଦ୍ମପୁର,(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ତହସିଲରେ ମଙ୍ଗଳବାର ନୂତନ ତହସିଲଦାର ଭାବେ ଅନୀତା ନାୟକ ଯୋଗ ଦେଇଛନ୍ତି। ସେ ପୂର୍ବରୁ ବାଲେଶ୍ୱର ଜିଲା ନୀଳଗିରି ବ୍ଲକର ବିଡିଓ ଭାବେ କାର୍ଯ୍ୟରତ ଥିଲେ। ସେ କାର୍ଯ୍ୟରେ ଯୋଗ ଦେବା ପରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ତହସିଲ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି।



## ସଂକ୍ଷେପରେ

### ଚଳନ୍ତା ଟ୍ରକ ଚକା ତଳୁ ବଞ୍ଚିଗଲେ ଯୁବକ

ସଜନାଗଡ, ୯।୧୧(ଡି.ଏନ.ଏ.)-କଥାରେ ଅଛି ରଖେ ହରି ତ ମାରେ କିଏ। ଏକ ଚଳନ୍ତା ଟ୍ରକ ଚକା ତଳେ ଫଶି ରହିଥିବା ଜଣେ ଯୁବକ ଅଳ୍ପକେ ରକ୍ଷା ପାଇଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଯୁବକଙ୍କ ଡାହାଣ ହାତ ଭାଙ୍ଗିଯାଇଥିଲା ବେଳେ ଶରୀରର ଅନ୍ୟ ସ୍ଥାନରେ ସାମାନ୍ୟ କ୍ଷତ ସୃଷ୍ଟି ହୋଇଛି।

ବରହମ୍ପୁର ଥାନା ଅଧୀନ ଚରବଡ଼ି ଗ୍ରାମର ତପନ ନାୟକ (୨୩) ବାଇକ୍‌ରେ ମିତ୍ରପୁର ଅଯୋଧା ରାସ୍ତା ଦେଇ ଘରକୁ ଯାଉଥିଲେ। ଅଯୋଧା କଲେଜ ଛକଠାରେ ଏକ ବାଲି ବୋଝେଇ ଟ୍ରକ (ନଂ. ଓଡ଼ି୦୧ଡବ୍ଲ୍ୟୁ-୫୦୨୨) ହଠାତ୍ ବାଇକ୍ ଆରୋହୀଙ୍କୁ ସାମ୍ନାସାମ୍ନି ଧକ୍କା ଦେଇଥିଲା। ତପନ ଟ୍ରକ୍ ଆଗଚକା ଭିତରକୁ ଟାଣି ହୋଇଯାଇଥିଲେ। ବାଇକ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସ୍ଥାନୀୟ ବାସିନ୍ଦା ଯୁବକଙ୍କୁ ବହୁକଷ୍ଟରେ ଟ୍ରକ୍‌ର ଆଗ ଚକା ତଳୁ ବାହାର କରି ନୀଳଗିରି ମେଡ଼ିକାଲକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

### ସୋରରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ

ସୋର, ୯।୧୧(ଡି.ଏନ୍.ଏ.)-ସୋର ଅଞ୍ଚଳର ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନରେ ଖାଦ୍ୟ ନିରାପତ୍ତା ବିଭାଗ ତରଫରୁ ଚଢାଉ କରାଯାଇଥିଲା । ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନ କନକଦୁର୍ଗା ହୋଟେଲ ସାଇଜଗନ୍ନାଥ ହୋଟେଲ, ତାରିଣୀ ସୁଇଟ୍‌ସ ସହ ମ୍ୟୁସିପାଲିଟି କାର୍ଯ୍ୟାଳୟ ଆଗରେ ଥିବା ଜଳଖିଆ ଦୋକାନରେ ବାସି ଓ ନିମ୍ନମାନର ଖାଦ୍ୟ, ରାସାୟନିକ ରଙ୍ଗ, ନିମ୍ନମାନର ତେଲରେ ପ୍ରସ୍ତୁତ ଜଳଖିଆ ଓ ଖାଦ୍ୟକୁ ନଷ୍ଟ କରିବା ସହିତ ଖାଦ୍ୟ ଜବତ କରି ଲାବୋରେଟୋରି ପରୀକ୍ଷା ପାଇଁ ନମୁନା ସଂଗ୍ରହ କରିଥିଲେ। ଏହି ଚଢ଼ାଉ ବେଳେ ଭୁବନେଶ୍ୱର ଖାଦ୍ୟ ରସାୟନବିତ୍ ପତିତପାବନ ମହାପାତ୍ର, ଗଦାଧର ବେହେରା, ନିତ୍ୟାନନ୍ଦ ପତି, ରାମଚନ୍ଦ୍ର ପତି, ହରିହର ଦାସ ଏବଂ ସୋର ପୌରପାଳିକା ନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡା, ଜିଲା ଜନ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସହିତ ଅନ୍ୟ କର୍ମଚାରୀମାନେ ଓ ଭ୍ରାମ୍ୟମାଣ ପରୀକ୍ଷାଗାର ଗାଡି ସାମିଲ ଥିଲା । ଏ ସମ୍ପର୍କରେ ଜିଲା ଖାଦ୍ୟ ନିରାପତ୍ତା ଅଧିକାରିଣୀ ଅନୁଶ୍ରୀ ଖଟୁଆ କହିଛନ୍ତି, ପରୀକ୍ଷା ରିପୋର୍ଟ ଆସିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ପଦକ୍ଷେପ ନିଆଯିବ।

### ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ

ପାଟଣା,୯।୧୧ (ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ସାହାରପଡା ବ୍ଲକ ଅନ୍ତର୍ଗତ ଦିଗିପଶିରେ ମଙ୍ଗଳବାର ବିଜେଡି ପକ୍ଷରୁ ୩୦ ନମ୍ବର ଜୋନ ସ୍ତରୀୟ କର୍ମକର୍ତ୍ତାଙ୍କୁ ନେଇ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ବୈଠକ ଅନୁଷ୍ଠିତ ହୋଇଛି। ଆୟୋଜିତ ବୈଠକ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ କିଶୋର ତରେଇ, ସମ୍ମାନିତ ଅତିଥି ଭାବେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ରାଜ୍ୟ କୃଷକ ଜନତା ଦଳ ଉପସଭାପତି କାନନ ବିହାରୀ ପୋହି, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ସାହାରପଡା ବ୍ଲକ ଅଧକ୍ଷା ରମ୍ଭାବତୀ ଦେହୁରୀ ପ୍ରମୁଖ ଯୋଗ ଦେଇ କର୍ମୀ ମାନଙ୍କୁ ଦଳର ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମିଶ୍ରଣ ପର୍ବରେ ୩୦ନଂ ଜୋନର ୧୦ ଟି ପଞ୍ଚାୟତର ଭାଜପା ଓ କଂଗ୍ରେସ ନେତା ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ।

### ଛାତ୍ରବୃତ୍ତି ଲାଗି ୫ଲକ୍ଷ ପ୍ରଦାନ

ସାରସକଣା,୯।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଝାରପୋଖରିଆ ସ୍ଥିତ ସୀମାନ୍ତ ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ପରେଶ ଚନ୍ଦ୍ର ବସାଙ୍କ ନାମରେ ଅତି ଗରିବ ଛାତ୍ରାଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଏଥିଲାଗି ସ୍ୱର୍ଗତ ବସାଙ୍କ ପୁଅ ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ଡ.କିଶୋର ଚନ୍ଦ୍ର ବସା ସୀମାନ୍ତ ମହାବିଦ୍ୟାଳୟ ଅଧକ୍ଷ ନଳିନୀ ସେନାପତିଙ୍କୁ ୫ଲକ୍ଷ ଟଙ୍କା ପ୍ରଦାନ କରଛନ୍ତି। ସୋମବାର ପ୍ରଫେସର କିଶୋର ଚନ୍ଦ୍ର ବସା, ଇଞ୍ଜିନିୟର ଅଶୋକ କୁମାର ବସା, ପ୍ରୀତିଶ ବସା, ଧୀରେନ୍ଦ୍ର ବସା, ଡ. ଚିଲମା ବସା, ପଦ୍ମ ଲୋଚନ ବେହେରା,ମୀରା ବେହେରା ଓ ପରିବାର ବର୍ଗ କଲେଜରେ ପହଞ୍ଚି ଅଧକ୍ଷଙ୍କୁ ଭେଟି ୫ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ସ୍ଥାନୀୟ ଲୋକେ ଏହାକୁ ଉଚ୍ଚ ପ୍ରଶଂସା କରିଛନ୍ତି।

# ପୌରାଞ୍ଚଳ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ

**ଭିଡିଓ କନଫରେନ୍ସରେ ୫-ଟି ସଚିବଙ୍କ ସହ ଆଲୋଚନା**

ବାଲେଶ୍ୱର ଅଫିସ, ୯।୧୧



ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର ପୌରାଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ମଙ୍ଗଳବାର ଜିଲାପାଳଙ୍କ ଓସ୍‌ୱାନ ଗୃହ ଓ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ୫ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହ ଆଲୋଚନା କରାଯାଇଥିଲା। ଏଥିସହିତ ଏକାଧିକ ଜନକଲ୍ୟାଣକାରୀ ପ୍ରକଳ୍ପ ନିର୍ମାଣ ଓ ଅନୁମୋଦନ ପାଇଁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଏହି ଭିଡ଼ିଓ କନଫରେନ୍ସ ଆଲୋଚନାରେ ପୌରାଞ୍ଚଳର ୧୩ଟି ୱାର୍ଡ଼ରୁ ୧୩ଜଣ ପୂର୍ବତନ କାଉନସିଲରଙ୍କ ସମେତ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସଙ୍କ ସମେତ ଓସ୍‌ୱାନ ଗୃହରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉପସ୍ଥିତ ଥିଲେ। ମୋଟ ୧୩କୋଟି ଟଙ୍କା ବ୍ୟୟରେ ସହର ବିଭିନ୍ନ ୱାର୍ଡ଼ରେ କ୍ଷୁଦ୍ର ଉଦ୍ୟାନ, ପବ୍ଲିକ ଜିମ, ଶିଶୁ କ୍ରୀଡ଼ା ଉଦ୍ୟାନ, ଚଲାରାସ୍ତା, ଶୌଚାଳୟ, ରାସ୍ତା ଓ ଡ୍ରେନକୁ ମିଶି ୧୯୧ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଗତ ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଏହାର ପୂରଣ କରିବାକୁ ପ୍ରଥମ ପର୍ଯ୍ୟାୟରେ ୧୫୫କୋଟି ଓ ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡ଼ିୟମ ପାଇଁ ୯ କୋଟି ଟଙ୍କା ପ୍ରଦାନ କରିଛନ୍ତି।

## ଓପିଏଚ୍‌ଡବ୍ଲ୍ୟୁସି ଡେପୁଟି ମ୍ୟାନେଜରଙ୍କ ପୈତୃକ ବାସଭବନରେ ଚଢ଼ାଉ

ସିମୁଳିଆ/ବାସୁଦେବପୁର, ୯।୧୧(ଡି.ଏନ.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ମଙ୍ଗଳବାର ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନ (ଓପିଏଚ୍‌ଡବ୍ଲ୍ୟୁସି)ର ଡେପୁଟି ମ୍ୟାନେଜର ପ୍ରତାପ ସାମଲଙ୍କ ସିମୁଳିଆ ବ୍ଲକ ଚାଲୁଣୀଗାଁ ପଞ୍ଚାୟତ ହରିପୁରସ୍ଥିତ ପୈତୃକ ଘରେ ଭିଜିଲାନ୍ସ ଚଢ଼ାଉ ହୋଇଥିଲା। ପୂର୍ବାହ୍ନରେ ଭିଜିଲାନ୍ସ ଟିମ୍ ପହଞ୍ଚିବା ପରେ ଘରେ କେହି ନ ଥିବାର ଦେଖି ଫେରି ଯାଇଥିଲେ। ପରେ ମଧ୍ୟାହ୍ନରେ ଆଉଥରେ ଚଢ଼ାଉ କରିବା ସହିତ ବିଭିନ୍ନ ଜମିବାଡ଼ି କାଗଜପତ୍ର, ବ୍ୟାଙ୍କ ଆକାଉଣ୍ଟ ଆଦି ଜବତ କରିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ସମ୍ବନ୍ଧରେ ପ୍ରତାପଙ୍କ ପିତା ସୁରେନ୍ଦ୍ର ସାମଲଙ୍କୁ ଭିଜିଲାନ୍ସ ବିଭାଗ ପଚରାଉଚରା କରିଥିଲା। ଭଦ୍ରକ ଜିଲା ବାସୁଦେବପୁରସ୍ଥିତ ଚାରିମହଲା କୋଠା ସମେତ ବାଲେଶ୍ୱର ଜିଲାରେ ଥିବା ବିଭିନ୍ନ ଘର ଉପରେ ଭିଜିଲାନ୍ସ ବିଭାଗ ଏକକାଳୀନ ଚଢ଼ାଉ କରିଥିଲା। ଭିଜିଲାନ୍ସ ଡିଏସ୍‌ପି ରବୀନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ୧୧ଜଣିଆ ଟିମ୍ ଚଢ଼ାଉରେ ସାମିଲ ଥିଲେ।

## ଟଙ୍କା ମାଗିବାରୁ ଗ୍ରାହକଙ୍କ ଉପରେ ଗରମ ଚା' ଢାଳିଲେ ଦୋକାନୀ

କେନ୍ଦୁଝର, ୯।୧୧ (ସ୍ୱ.ପ୍ର.)

୨୦ ଟଙ୍କା ବକେୟା ଟଙ୍କା ପାଇଁ ଜଣେ ଚା ଦୋକାନୀ ଜଣେ ଗ୍ରାହକ ଉପରେ ଗରମ ଚା' ଢାଳିବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଏନେଇ ଆହତ ହୋଇଥିବା ଅଭିଜିତ ରାୟ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ଥିବା ବେଳେ ଏନେଇ ଟାଉନ ଥାନାରେ ଏକ ମାମଲା (ନଂ.୪୩୪/୨୦୨୧) ରୁଜୁ ହୋଇଛି।

ଗତ ୭ ତାରିଖରେ ଏହି ଘଟଣା ଘଟିଛି। ଆହତ ଯୁବକ ଚା' ପିଇବା ପାଇଁ ଯାଇଥିବାବେଳେ ଦୋକାନୀ ତାଙ୍କୁ ବକେୟା ଥିବା ୨୦ ଟଙ୍କା ମାଗିଥିଲେ। ଏହାକୁ ନେଇ ଅଭିଜିତ କହିଥିଲେ ଯେ ସେ ପରେ ଦେଇଦେବେ । ତେବେ ଦୋକାନୀ ନ ଶୁଣି ଖରାପ ଭାଷାରେ ଗାଳି ଗୁଲଜ କରି ଗରମ ଚା' ଢାଳିଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ପରେ ଅଭିଯୁକ୍ତଙ୍କୁ ଜାମିନ ମିଳିଯାଇଛି। ପୋଲିସ ପକ୍ଷପାତିତା କରି କୋହଳ ଦଫା ଲଗାଇବାରୁ ଅଭିଯୁକ୍ତ ଜାମିନ ପାଇଥିଲେ ବୋଲି ଆହତ ଯୁବକ ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ କରୁଥିବା ଅଧିକାରୀ ଏସ.ନନ୍ଦ କହିଛନ୍ତି, ଡାକ୍ତରୀ ରିପୋର୍ଟ ଓ ଏତଲାକୁ ଭିତ୍ତି କରି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ।

## ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

ଜଳେଶ୍ୱର, ୯।୧୧(ଡି.ଏନ.ଏ.)

ବେକାର ଯୁବତୀଯୁବକମାନେ ଆତ୍ମନିର୍ଭରଶୀଳ ହେବା ଲାଗି ବିଭିନ୍ନ ଦକ୍ଷତା ହାସଲ ନିମନ୍ତେ ଓର୍‌ମାସ ପକ୍ଷରୁ ପ୍ରଶିକ୍ଷଣ ଯୋଗାଇ ଦେବାଲାଗି ମଙ୍ଗଳବାର ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ପରିସରରେ ଏକ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଡିଓ ଦୀପ୍ତିରଞ୍ଜନ ସେଠୀ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷ ବ୍ରଜମୋହନ ପ୍ରଧାନ, ଡିଡିୟୁଜିକେୱାର ଜିଲା ସଂଯୋଜକ ଅନୀଲ ରାଉତରାୟ ଓ ବିପିଏମ୍ ମଧୁମିତା ଦାସ ପ୍ରମୁଖ ଯୋଗଦେଇ ୧୮ରୁ ୩୫ବର୍ଷ ମଧ୍ୟରେ ଯୁବତୀଯୁବକ ନିଜ ଗୋଡରେ ଛିଡା ହେବାକୁ ପରାମର୍ଶ ଦେଇଥିଲେ। ଶିବିରରେ ଭୁବନେଶ୍ୱରସ୍ଥିତ ଶିବାନୀ ଏଜୁକେଶନ୍ ଟ୍ରଷ୍ଟ, ବାଲେଶ୍ୱରର ନିୟମ ଏଜୁକେଶନ୍ ଟ୍ରଷ୍ଟ ଓ ଜଳେଶ୍ୱରର ଏଚ୍‌ଏଲଏପିପିଟି ଭାଗ ନେଇଥିଲେ। ଏଥିରେ ମୋଟ ୧୨୩ଜଣ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିବା ବେଳେ ୭୨ଜଣ ପ୍ରଶିକ୍ଷଣ ଲାଗି ବଛାଯାଇଥିଲା।

## ନିଶା ଖାଇବାକୁ ବାରଣ କରିବାରୁ ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ

ଲଙ୍ଗଳେଶ୍ୱର, ୯।୧୧(ଡି.ଏନ.ଏ.)

ସ୍ୱାମୀଙ୍କୁ ନିଶା ଖାଇବାକୁ ବାରଣ କରିବା ମହଙ୍ଗା ପଡିଛି। ଯୁବକଜଣକ ନିଶାସକ୍ତ ଅବସ୍ଥାରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଭଳି ଘଟଣା ଘଟିଛି ସିଂଲା ଥାନା ଅଧୀନ ସାଉଡ଼ି ପଞ୍ଚାୟତ ଛୟାଳିଆ ଗ୍ରାମରେ।

ଏହି ଗ୍ରାମର ଗୋପାଳ ସରକାର ପ୍ରତ୍ୟେକ ଦିନ ନିଶାସେବନ କରୁଥିବାରୁ ସ୍ତ୍ରୀ କାଜଲ ଏହାକୁ ବାରଣ କରିଆସୁଥିଲେ। କିନ୍ତୁ ସ୍ୱାମୀ ଗୋପାଳ ସ୍ତ୍ରୀଙ୍କ କଥା ମାନୁ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଳହ ଲାଗିରହୁଥିଲା। ସୋମବାର ସନ୍ଧ୍ୟାରେ ଗୋପାଳ ନିଶା ଖାଇ ଘରକୁ ଆସିବାରୁ ଉଭୟଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଥିଲା। ଫଳରେ ନିଶାସକ୍ତ ଅବସ୍ଥାରେ ଗୋପାଳ ମାନସିକ ଭାରସାମ୍ୟ ହରାଇ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେପଟେ ନିଆଁରେ ପୋଡ଼ି ହୋଇ ଗୋପାଳ ଛଟପଟ ହେଉଥିବା ବେଳେ ଆମ୍ବୁଲାନ୍ସ ଫୋନ କରାଯାଇଥିଲେ ମଧ୍ୟ ଆମ୍ବୁଲାନ୍ସ ଆସି ନ ଥିଲା। ଶେଷରେ ଗୁରୁତର ଅବସ୍ଥାରେ ଗୋପାଳଙ୍କୁ ବ୍ୟକ୍ତିଗତ ଗାଡିରେ ଗ୍ରାମବାସୀ ହସ୍‌ପିଟାଲ ନେବାକୁ ବାଧ ହୋଇଥିଲେ।

# ରୂପାନ୍ତର ବିଦ୍ୟାଳୟର ପ୍ରସ୍ତୁତି ବୈଠକ



ବୈଠକରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା ଓ ଅନ୍ୟମାନେ।

ବାହାନଗା/ରେମୁଣା, ୯।୧୧(ଡି.ଏନ.ଏ.)

ରେମୁଣା ନିର୍ବାଚନମଣ୍ଡଳୀ ଅଧୀନ ଗଙ୍ଗାଧର ପ୍ରସାଦ ଉଚ୍ଚବିଦ୍ୟାଳୟ ୫ଟି ଅଧୀନରେ ଥିବାରୁ ବିଦ୍ୟାଳୟର ରୂପାନ୍ତର ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା ଯୋଗଦେଇ ବିଦ୍ୟାଳୟର ରୂପାନ୍ତରିତ କାର୍ଯ୍ୟକ୍ରମରେ ଉଭୟ ଆଲୁମିନା ସଦସ୍ୟ ତଥା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ମିଳିତ ଭୂମିକାକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ନୂଆଗାଁ ସରପଞ୍ଚ ପ୍ରଭାତ କୁମାର ବାରିକ ରେମୁଣା ବ୍ଲକ ଏବିଇଓ ବିଜୟ କୁମାର ଗିରି, ସିଆରସିସି ମନୋରଞ୍ଜନ ଦାସ, ପ୍ରଭାତ କୁମାର ବିଶ୍ୱାଳ, ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରମୁଖ ବିଦ୍ୟାଳୟର ୫ଟି ରୂପାନ୍ତର ବାବଦରେ ଆଲୋଚନା କରିଥିଲେ। ଏଥିରେ ପରିଚାଳନା କମିଟି ସଦସ୍ୟ ବଂଶୀଧର ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଆଲୁମିନା ସଦସ୍ୟ ,ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ଡ୍ରାଇଭର ଗିରଫ

ଜଳେଶ୍ୱର, ୯।୧୧(ଡି.ଏନ.ଏ.)

୬୦ନଂ. ଜାତୀୟ ରାଜପଥରେ ବେଆଇନ ଭାବେ ପଶ୍ଚିମବଙ୍ଗକୁ ଗୋଚାଲାଣ ହୋଇଆସୁଛି । ପ୍ରତି ପିକଅପ୍‌ରେ ୨୫ରୁ ଊର୍ଦ୍ଧ୍ୱ ଗୋରୁ ଚାଲାଣ ହେଉଥିବା ବେଳେ ସ୍ଥାନୀୟ ପୋଲିସ୍ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲା। ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱରସ୍ଥିତ ରାଜଘାଟଠାରେ ନିୟୋଜିତ ସ୍ପେଶାଲ ଫୋର୍ସ ସୋମବାର ମଧ୍ୟରାତ୍ରରେ ୩ଟି ଗୋରୁ ବୋଝେଇ ପିକ୍‌ଅପ୍‌କୁ ଅଟକ ରଖି ଜଳେଶ୍ୱର ଥାନାକୁ ଖବର ଦେଇଥିଲେ। ଉଦ୍ଧାର ହୋଇଥିବା ମୋଟ୍ ୭୫ରୁ ଊର୍ଦ୍ଧ୍ୱ ଗୋରୁଗୁଡ଼ିକୁ ବାଲେଶ୍ୱର ଗୋଶାଳାକୁ ପଠାଯାଇଛି । ୩ ପିକ୍‌ଅପ୍‌କୁ ଜବତ କରାଯାଇଥିବା ବେଳେ ୩ଜଣ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି।

## ସଂରକ୍ଷିତ ଜଙ୍ଗଲରେ ଭାରୀଯାନ ଚଳାଚଳରୁ ଉତ୍ତେଜନା

ବୈଶିଙ୍ଗା,୯।୧୧(ଡି.ଏନ.ଏ.)

୩ ମାସର ନିରବତା ପରେ ସଂରକ୍ଷିତ ଜଙ୍ଗଲକୁ ନେଇ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ବଡ଼ଗୋପାଳପୁର ଗ୍ରାମରେ ପୁଣି ଉତ୍ତେଜନା ଦେଖାଦେଇଛି। ଉକ୍ତ ଗାଁରେ ଥିବା ସଂରକ୍ଷିତ ଜଙ୍ଗଲରେ ଜଣେ ଫିସରୀ ମାଲିକ ବେଆଇନ ଭାବେ ରାସ୍ତା ନିର୍ମାଣ କରି ନିଜର ବ୍ୟବସାୟ ନିମନ୍ତେ ଭାରୀଯାନ ଚଳାଚଳ କରୁଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ପ୍ରତିଶୋଧ ପରାୟଣ ହୋଇ ସମ୍ପୃକ୍ତ ମାଲିକ ଭଡ଼ାଟିଆ ଗୁଣ୍ଡା ଆଣି ଗ୍ରାମବାସୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ବୈଶିଙ୍ଗା ପୋଲିସ ଏକ ମାମଲା(ନଂ.୧୯୯/୨୧) ରୁଜୁ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାର ତଦନ୍ତ ଚାଲିଥିବା ବେଳେ ସୋମବାର ସନ୍ଧ୍ୟାରେ ଉକ୍ତ ସଂରକ୍ଷିତ ଜଙ୍ଗଲରେ ପୁଣି ଭାରୀଯାନ ଚଳାଚଳ କରୁଥିବା ବେଳେ ଗ୍ରାମବାସୀ ଏକତ୍ରିତ ହୋଇ ପାଟିତୁଣ୍ଡ କରିଥିଲେ। ଏକ ମାଲ ବୋଝେଇ ଗାଡ଼ିକୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ବୈଶିଙ୍ଗା ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ପାଲା ପରିଷଦ ପକ୍ଷରୁ ସ୍ମୃତିସଭା


ସ୍ମୃତିସଭାରେ ନୀଳାଚଳ ନିଖିଳୋତ୍କଳ ପାଲା ପରିଷଦ କୁପାରୀ ମଣ୍ଡଳର କର୍ମକର୍ତ୍ତା।

ଖଇରା, ୯।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ପ୍ରସିଦ୍ଧ ଅମ୍ବିକା ଆଶ୍ରମର ପ୍ରତିଷ୍ଠାତା ଓଁକାର ମୁନୀ ଉଦାସୀନଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ମଙ୍ଗଳବାର ନୀଳାଚଳ ନିଖିଳୋତ୍କଳ ପାଲା ପରିଷଦ କୁପାରୀ ମଣ୍ଡଳ ଆନୁକୂଲ୍ୟରେ ଅମ୍ବିକାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପାଲାଗାୟକ ଅଲେଖ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିଲେ। ମା' ଅମ୍ବିକାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ପରେ ଦିବଙ୍ଗତ ସାଧୁମହାତ୍ମା ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଚନ୍ଦ୍ରଶେଖର ପାଢ଼ୀ, ଚକ୍ରଧର ମହାପାତ୍ର, ଲକ୍ଷ୍ମୀଧର ନାୟକ, ରାମଚନ୍ଦ୍ର ବିଶ୍ୱାଳ, ମହେଶ୍ୱର ବାରିକ, ଗଙ୍ଗାଧର ଦାସ, ସୁଦାମ ଚରଣ ସାହୁ, ମହେନ୍ଦ୍ର ସେଠୀ, ସମ୍ପାଦକ ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ବକ୍ତବ୍ୟରେ ଅମ୍ବିକା ବାବାଙ୍କ ଜୀବନୀ, ସାଧନା, ସିଦ୍ଧି, ଅମ୍ବିକା ମନ୍ଦିର, ପାହାଳ ବଜାରରେ ଓଁକାର ଜଗନ୍ନାଥ ମନ୍ଦିର କରାଯିବା ଉପରେ ଆଲୋକପାତ କରିଥିଲେ। ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ଆଦିବାସୀ ମହିଳାଙ୍କ ରାସ୍ତାରୋକୋ

**ରନ୍ଧା ମଦ ବିକ୍ରିକୁ ବିରୋଧ**

ଭଣ୍ଡାରିପୋଖରୀ,୯।୧୧(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଦିନକୁ ଦିନ ବେଆଇନ ରନ୍ଧା ମଦ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ଏଥିରେ ରୋକ୍ ଲଗାଇବାରେ ବିଫଳ ହୋଇଛି। ପଡ଼ୋଶୀ କେନ୍ଦୁଝର ଜିଲା ଏହି ବ୍ଲକ ସୀମାକୁ ଲାଗି ରହିଥିବାରୁ ସେଠାରୁ ଚୋରାରେ ରନ୍ଧା ମଦ ଆସି ବିକ୍ରି ହେବାରେ ଲାଗିଛି। ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ଼ ଫାଣ୍ଡି ଅଞ୍ଚଳରେ ଥିବା ଆଦିବାସୀ ସାହିର ଯୁବ ଓ ମଧ୍ୟ ବୟସ୍କମାନେ ରନ୍ଧା ମଦ ପିଇ ପାରିବାରିକ ଅଶାନ୍ତି ସୃଷ୍ଟି କରୁଛନ୍ତି। ଚୋରା ମଦ ବିକ୍ରି ବନ୍ଦ କରିବା ପାଇଁ ଆଦିବାସୀ ମହିଳାମାନେ ପୂର୍ବରୁ ଫାଣ୍ଡିରେ ଲିଖିତ ଭାବେ ଜଣାଇଥିଲେ। ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସୋମବାର ସନ୍ଧ୍ୟାରେ ମଞ୍ଜୁରୀରୋଡ଼ ଆଦିବାସୀ ସାହି ଛକଠାରେ ମହିଳାମାନେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଫାଣ୍ଡି ଅଧିକାରୀଙ୍କ ସମେତ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ସହ ଚୋରା ମଦ ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା ।

## ପ୍ରାଥମିକ ଶିକ୍ଷକ ସଂଘର ବୈଠକ

ଭଦ୍ରକ ଅଫିସ, ୯।୧୧

ଭଦ୍ରକ ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ, ହରିପୁର ରୋଡର ଏକ ବୈଠକ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଥିଲା। ସଂଘର ପୂର୍ବତନ ସଭାପତି ନାରାୟଣ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଙ୍ଗଠନ ସମ୍ପାଦିକା ଚାରୁଲତା ମହାପାତ୍ର ଯୋଗ ଦେଇଥିଲେ। ଭଦ୍ରକ ବ୍ଲକର ସମସ୍ତ ସିଆରସିସି, ଏନପିଏସ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ଭଦ୍ରକ ବ୍ଲକର ୭୧ ଜଣ ଲେବୁଲ (୪) ପ୍ରଧାନଶିକ୍ଷକ, ୬୫ ଜଣ ବିଷୟ ଭିତ୍ତିକ ଶିକ୍ଷକ ବିଭିନ୍ନ ବିଦ୍ୟାଳୟରେ ଯୋଗ ଦେଇଥିବାରୁ ସଂଘ ତରଫରୁ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କୁ କୃତଜ୍ଞତା ଜଣାଇଛି।

## ମହନ୍ତ ମହାରାଜ ଜ୍ଞାନାନନ୍ଦ ସରସ୍ୱତୀଙ୍କ ଶେଷକୃତ୍ୟ

ଭୋଗରାଇ, ୯।୧୧(ଡି.ଏନ.ଏ.)

ଠାକୁର ନିଗମାନନ୍ଦଙ୍କ ପଟ୍ଟଶିଷ୍ୟ, ଆସାମ ବଙ୍ଗୀୟ ସାରସ୍ୱତ ଆଶ୍ରମ ତଥା ଭୋଗରାଇ କୃଷ୍ଣପୁର ସୁଧାନଗର ସୁଧାଂଶୁବାଳା ମହିଳା ଯୋଗାଶ୍ରମର ମହନ୍ତ ମହାରାଜ ଜ୍ଞାନାନନ୍ଦ ସରସ୍ୱତୀଙ୍କ ମହନ୍ତ ମହାରାଜ ଠାକୁର ନିଗମାନନ୍ଦଙ୍କ ପଟ୍ଟଶିଷ୍ୟ ସ୍ୱାମୀ ଜ୍ଞାନାନନ୍ଦ ସରସ୍ୱତୀଙ୍କ ପାର୍ଥିବ ଶରୀରକୁ ତାଙ୍କ ଜନ୍ମମାଟିରେ ମଙ୍ଗଳବାର ମହାସମାଧି ସମ୍ପନ୍ନ କରାଯାଇଛି। ସ୍ୱାମୀଜୀଙ୍କ ମରଶରୀରକୁ ସୋମବାର କୋଲକାତାରୁ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ଅଣାଯାଇ ମହିଳା ଯୋଗାଶ୍ରମକୁ ନିଆଯାଇଥିଲା। ମହିଳା ଯୋଗାଶ୍ରମ ୧ କି.ମି. ରାସ୍ତାରେ ମହାରାଜାଙ୍କ ମରଶରୀରକୁ ଶିଷ୍ୟମାନେ ଶୋଭାଯାତ୍ରାରେ ନେଇଥିଲେ। ପ୍ରଥମେ ପାର୍ଥିବ ଶରୀରକୁ ଆଶ୍ରମ ମଧ୍ୟରେ ଠାକୁର ନିଗମାନନ୍ଦଙ୍କ ବିଗ୍ରହଠାରେ ରଖାଯିବା ପରେ ମହାରାଜାଙ୍କ ଶୟନ କକ୍ଷକୁ ନିଆଯାଇଥିଲା। ସେଠାରୁ ଦେବସଭାକୁ ନିଆଯାଇ ଶ୍ରଦ୍ଧାଳୁଙ୍କ ଶେଷଦର୍ଶନ ନିମନ୍ତେ ରଖାଯାଇଥିଲା। ପରେ ଆସାମବଙ୍ଗୀୟ ସାରସ୍ୱତ ମଠର ଅନ୍ୟ ମହନ୍ତ, ଟ୍ରଷ୍ଟବୋର୍ଡ଼ର ସଦସ୍ୟ, ବହୁସାଧୁ ସନ୍ନ୍ୟାସୀ, ଅସଂଖ୍ୟ ଶିଷ୍ୟଙ୍କ ଗହଣରେ ସମାଧିପୀଠକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମହାରାଜଙ୍କ ଶେଷଦର୍ଶନ ନିମନ୍ତେ ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ଭାଜପା ନେତା ପରେଶ ଚନ୍ଦ୍ର ନାୟକ, କଂଗ୍ରେସ ନେତା ସତ୍ୟଶିବ ଦାସ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଗିରିଶ ଚନ୍ଦ୍ର ଦାଶ, ଅବସରପ୍ରାପ୍ତ ବିଚାରପତି, ଧର୍ମଗୁରୁ, ଅସଂଖ୍ୟ ଶିଷ୍ୟ, ଆଖପାଖ ଗାଁର ବହୁ ଶ୍ରଦ୍ଧାଳୁ ମହାରାଜଙ୍କୁ ପୁଷ୍ପମାଲ୍ୟ ଦେଇ ଶେଷଦର୍ଶନ କରିଥିଲେ।

# ପାହାଡ଼ରୁ ବେଆଇନ ମାଟି ଚାଲାଣ

**ତଦନ୍ତ ଦାବି କଲେ ଭାଜପା ମୁଖପାତ୍ର**

ଖଇରା, ୯।୧୧(ଡି.ଏନ.ଏ.)


ଖଇରା ସରକାରୀ ହାଇସ୍କୁଲ ପରିସରରେ ବିଡିଓ ଓ ଭାଜପା ମୁଖପାତ୍ରଙ୍କ ଆଲୋଚନା ଚାଲିଛି।

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଥିବା ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନରେ ସ୍ମାର୍ଟ ସ୍କୁଲ କାର୍ଯ୍ୟ ଚାଲିଥିବା ବେଳେ ଏଥିରେ ଶାରୀଶୁଆ ପାହାଡରୁ ବେଆଇନ ଭାବେ ମାଟି ବ୍ୟବହାରକୁ ନେଇ ଆପତ୍ତି ଉଠାଇଛନ୍ତି ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ୍ ଦାସ। ତାଙ୍କ ନେତୃତ୍ୱରେ ଭାଜପାର ଏକ ଟିମ୍ ମଙ୍ଗଳବାର ସ୍କୁଲ ପରିସରରେ ପହଞ୍ଚି ଚାଲିଥିବା ନିର୍ମାଣ କାର୍ଯ୍ୟ ବ୍ୟବହୃତ ହୋଇଥିବା ଏବଂ ଗଚ୍ଛିତ ଥିବା ପାହାଡ ମାଟିକୁ ଅନୁଧ୍ୟାନ କରିଛନ୍ତି। ଠାକୁର ରଞ୍ଜିତ୍ କାର୍ଯ୍ୟର ତଦାରଖ କରୁଥିବା ବିଡିଓ ପର୍ଶୁରାମ ପଣ୍ଡାଙ୍କ ସହ ଆଲୋଚନା ଅବସରରେ ପାହାଡରେ ୧୪୪ ଧାରା ଲାଗିଥିବା ସତ୍ତ୍ୱେ କେଉଁ ପରିସ୍ଥିତିରେ ପାହାଡମାଟି ସ୍କୁଲ କାମ ପାଇଁ ଅଣାଗଲା ବୋଲି ପଚାରିଥିଲେ। ଘର ତଥା ରାସ୍ତା କାମ ପାଇଁ ଛୋଟ ଛୋଟ ଗାଡିରେ ମାଟି କି ପଥର ନେଉଥିବା ଲୋକଙ୍କ ଉପରେ ବିଭିନ୍ନ ଆଳରେ ହଜାର ହଜାର ଟଙ୍କା ଜରିମାନା ଆଦାୟ କରାଯାଉଥିବା ବେଳେ ସ୍କୁଲ କାର୍ଯ୍ୟ କରୁଥିବା ଠିକାଦାରଙ୍କ ଉପରେ ଲାଗୁ ନ ହେବ ବୋଲି କହିଥିଲେ। ଏହି ଟିମ୍ ତହସିଲଦାର ମହେନ୍ଦ୍ର ବେହେରାଙ୍କଠାରୁ ଏହି ବିଷୟରେ ବିବରଣୀ ଜାଣିବାକୁ ଚାହିଁଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ । ଶେଷରେ ଏହି ବେଆଇନ ମାଟି ଚାଲାଣରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଖଇରା ଥାନା ଆଇଆଇସି ଶ୍ରୀବଲ୍ଲଭ ସାହୁଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ମୁଖପାତ୍ର ଦାସଙ୍କ ସହ ଭାଜପାର ରାଜେଶ କୁମାର ରାଉତ, ଅଜୟ ବେହେରା, ଡମ୍ବରୁ ମହାନ୍ତି ଓ ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ଥିଲେ । ଏନେଇ ଖଇରା ବିଡ଼ିଓ ପର୍ଶୁରାମ ପଣ୍ଡାଙ୍କ ପ୍ରତିକ୍ରିୟା ନେବାରେ ସେ ଏ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି।

